**ଡି.ଏ.ଭି ପବ୍ଲିକ ସ୍କୁଲ ସମୂହ, ଓଡ଼ିଶାଜୋନ୍**

**ନମୂନା ପ୍ରଶ୍ନ – ୧**

**ପ୍ରଥମ ସାମୟିକ ପରୀକ୍ଷା (୨୦୨୩ – ୨୦୨୪)**

**ଶ୍ରେଣୀ – ସପ୍ତମ ପୂର୍ଣ୍ଣସଂଖ୍ୟା – ୪୦**

**ବିଷୟ – ଉଚ୍ଚତର ଓଡ଼ିଆ ସମୟ - ୧ଘ : ୩୦ମି**

**'କ' ବିଭାଗ- ପଠନ (୫)**

**୧) ଅନୁଚ୍ଛେଦଟିକୁ ପଢ଼ି ନିମ୍ନ ପ୍ରଶ୍ନ ଗୁଡ଼ିକର ଉତ୍ତର ଲେଖ ।** **(5×1=5)**

ସଂସ୍କୃତ ଭାଷାରେ ପୁରାଣ ଓ ଧର୍ମପୁସ୍ତକ ରଚିତ ହେବା ଥିଲା ଏକ ପରମ୍ପରା । ଦୁର୍ବୋଧ ସଂସ୍କୃତ ଭାଷାରେ ଲିଖିତ ପୁସ୍ତକକୁ ପୁରାଣ ପଣ୍ଡାମାନେ ନିଜ ସୁବିଧା ଅନୁଯାୟୀ ଅନୁବାଦ କରି ଧାର୍ମିକ ଶ୍ରୋତାମାନଙ୍କୁ ଶୁଣାଉଥିଲେ । ବିଭିନ୍ନ ପ୍ରାଦେଶିକ ଭାଷାରେ ସଂସ୍କୃତ ପୁରାଣର ଅନୁବାଦ ସେହି ପଞ୍ଚଦଶ ଶତାବ୍ଦୀରୁ ଆରମ୍ଭ ହୋଇଥିଲା । ଆନ୍ଧ୍ର ଦେଶର କବି ତିକ୍କଣ, ଆସାମର କବି ଶଙ୍କର ଦେବ, ମହାରାଷ୍ଟ୍ରର କବି ଜ୍ଞାନଦେବ ନିଜ ମାତୃଭାଷାରେ ସଂସ୍କୃତ ଭାଗବତର ଅନୁବାଦ କରି ଅତ୍ୟନ୍ତ ଲୋକପ୍ରିୟ ହୋଇଥିଲେ । ଓଡ଼ିଆ ଭାଷାର କବି ଜଗନ୍ନାଥ ଦାସ ଭାଗବତ ରଚନା କରି ଓଡ଼ିଆ ଜନଜୀବନକୁ ବେଶ ପ୍ରଭାବିତ କରିଥିଲା ।

**ପ୍ରଶ୍ନାବଳୀ :-**

କ) କେଉଁ ଭାଷାରେ ପୁରାଣ ଓ ଧର୍ମପୁସ୍ତକ ରଚିତ ହେବାର ପରମ୍ପରା ଥିଲା ?

ଖ) କେଉଁ ମାନେ ପୁରାଣ ପୁସ୍ତକକୁ ଅନୁବାଦ କରି ଶ୍ରୋତାମାନଙ୍କୁ ଶୁଣାଉଥିଲେ ?

ଗ) ସଂସ୍କୃତ ପୁରାଣର ଅନୁବାଦ କେଉଁ ଶତାବ୍ଦୀରୁ ଆରମ୍ଭ ହୋଇଥିଲା ?

ଘ) ଆସାମର କେଉଁ କବି ନିଜ ମାତୃଭାଷାରେ ସଂସ୍କୃତ ଭାଗବତର ଅନୁବାଦ କରି ଅତ୍ୟନ୍ତ ଲୋକପ୍ରିୟ ହୋଇଥିଲେ ?

ଙ) ଓଡ଼ିଆ ଭାଗବତର ରଚୟିତା କିଏ ?

**'ଖ' ବିଭାଗ- ଲିଖନ (୫)**

୨) 'ପରିବେଶ ପ୍ରଦୂଷଣ' କିମ୍ବା 'ରଥଯାତ୍ରା'କୁ ଭିତ୍ତିକରି ଏକ ଅନୁଚ୍ଛେଦ ଲେଖ । **(1×5=5)**

**'ଗ' ବିଭାଗ- ବ୍ୟାକରଣ (୧୦)**

**୩) ନିର୍ଦ୍ଦେଶାନୁଯାୟୀ ଉତ୍ତର ଲେଖ ।**

**କ) ନିମ୍ନଲିଖିତ ଶବ୍ଦ ଗୁଡ଼ିକର ଅର୍ଥ ଲେଖ ।** **(2×1=2)**

ନିଶାଚର, ଭାଷେ

**ଖ) ତଳେ ଦିଆଯାଇଥିବା ସମୋଚ୍ଚାରିତ ଶବ୍ଦଗୁଡ଼ିକ ମଧ୍ୟରେ ଥିବା ଅର୍ଥଗତ ପାର୍ଥକ୍ୟ ଲେଖ ।** (2×1=2)

ବେଶି – ବେଶୀ , ନିଶା - ନିଶା

**ଗ) ନିମ୍ନଲିଖିତ ଶବ୍ଦଗୁଡ଼ିକର ପ୍ରତିଶବ୍ଦ ଲେଖ ।** (2×1=2)

କାନନ, ରଜନୀ

**ଘ) ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକର ବିପରୀତ ଅର୍ଥବୋଧକ ଶବ୍ଦ ଲେଖ ।** (2×1=2)

ଲାଭ, ଜ୍ୟେଷ୍ଠା

**ଙ) ନିମ୍ନଲିଖିତ ଶବ୍ଦ ଗୁଡ଼ିକର ଲିଙ୍ଗ ପରିବର୍ତ୍ତନ କରି ଲେଖ ।** (2×1=2)

କୁମାର , ପିତା

## 'ଘ' ବିଭାଗ- ପାଠ୍ୟ ପୁସ୍ତକ (୨୦)

**4) ସରଳ ଭାଷାରେ ବୁଝାଇ ଲେଖ । (ଯେକୌଣସି ଗୋଟିକର)** (1×5=5)

କ) ନେଲୁ ନାହିଁ କାହିଁ ପାଇଁ.............. ମୃଦୁ ପାଦ ଚିନ୍ତା ।

**5) ସଂକ୍ଷେପରେ ଉତ୍ତର ଲେଖ ।** (3×2=6)

କ) ଆମ୍ଭ ଭାସ୍କର କାହାକୁ ଲକ୍ଷ୍ୟ କରି କୁହାଯାଇଛି ?

ଖ) ଭରତ ଚିତ୍ରକୂଟରୁ ଫେରି କିଭଳି ରାଜ୍ୟ ଶାସନ କଲେ ?

ଗ) ଗରିବ ଚକୁଳିଆ ପଣ୍ଡା ଓ ତା' ମାଆ ଧନୀ ହେଲେ କିପରି ?

**୬) ସଠିକ୍ ଉତ୍ତରଟିକୁ ବାଛି ଲେଖ ।** (4×1=4)

କ) 'କଳାମାଣିକରେ' କବିତାଟି କେଉଁ କାବ୍ୟରୁ ଆସିଅଛି ?

i) 'ବିଦଗ୍ଧଚିନ୍ତାମଣି' ii) ଅର୍ଘ୍ୟଥାଳି iii) 'ତପସ୍ୱିନୀ iv) 'ଧର୍ମପଦ'

ଖ) କେଉଁମାନଙ୍କୁ ରବିପରି ରଶ୍ମିମାନ ବୋଲି କବି କହିଛନ୍ତି ?

i) ସୂର୍ଯ୍ୟଙ୍କୁ ii) ତାରକାମାନଙ୍କୁ iii) ନକ୍ଷତ୍ରଙ୍କୁ iv) ଗ୍ରହମାନଙ୍କୁ

ଗ) 'ରାମାୟଣ' ଗ୍ରନ୍ଥଟିକୁ ସଂସ୍କୃତ ଭାଷାରେ କିଏ ରଚନା କରିଥିଲେ ?

i) ବଶିଷ୍ଠ ii) ବିଶ୍ୱାମିତ୍ର iii) ବାଲ୍ମୀକି iv) ଦଧୀଚି

ଘ) ଗଙ୍ଗାମାତା କ'ଣ ହୋଇ ସଂସାରର ସବୁମାଡ଼ ହାଣ୍ଡିରେ ପୂରେଇଲେ ?

i) ହତାଶ ii) ଅତିପ୍ରସନ୍ନ iii) ରାଗ ତମତମ iv) ଦୁଃଖିତ ହୋଇ

**୭) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନଟିର ଉତ୍ତର ଲେଖ ।** (1×5=5)

କ) ଶ୍ରୀ ଅରବିନ୍ଦ ଓ ଖୁଦିରାମଙ୍କ ସମ୍ବନ୍ଧରେ ଲେଖିକାଙ୍କର ବକ୍ତବ୍ୟ କ'ଣ ?

**BLUE PRINT OF PERIODIC TEST-I**
**STD-VII**

| SL NO | CHAPTER | MARKS 40+(4) |
|---|---|---|
| | **‘କ’ ବିଭାଗ ପଠନ (୫)** | |
| 1 | ଅପଠିତ ଗଦ୍ୟାଂଶ (୧୦୦ ରୁ ୧୨୦ ଶବ୍ଦ ମଧ୍ୟରେ) | 5X1=5 |
| | **‘ଖ’ ବିଭାଗ ଲିଖନ (୫)** | |
| 2 | ଅନୁଚ୍ଛେଦ ଲିଖନ | 1X5=5 |
| | **‘ଗ’ ବିଭାଗ ବ୍ୟାକରଣ (୧୦)** | |
| 3 | ସାହିତ୍ୟ ପୁସ୍ତକରୁ<br>କ) ଶବ୍ଦାର୍ଥ (୨ଟି)<br>ଖ)ସମୋଚ୍ଚାରିତ ଶବ୍ଦ(୨ଟି)<br>ଗ) ପ୍ରତିଶବ୍ଦ(୨ଟି)<br>ଘ) ବିପରୀତାର୍ଥବୋଧୋକ ଶବ୍ଦ (୨ଟି)<br>ଙ) ଲିଙ୍ଗ ପରିବର୍ତ୍ତନ କର (୨ଟି) | <br>2X1=2<br>2X1=2<br>2X1=2<br>2X1=2<br>2X1=2 |
| | **‘ଘ’ ବିଭାଗ ପାଠ୍ୟ ପୁସ୍ତକ (୨୦)** | |
| 4 | ସରଳାର୍ଥ-୧ କଳାମାଣିକରେ (ପଦ୍ୟ) | 1X5=5 |
| 5 | ସଂକ୍ଷିପ୍ତ ପ୍ରଶ୍ନ(ଗଦ୍ୟ,ପଦ୍ୟ,ଗଳ୍ପ)<br>୧)କଳାମାଣିକରେ (ପଦ୍ୟ)<br>୨)ତାରା-ସୂର୍ଯ୍ୟ (ପଦ୍ୟ)<br>୩)ରାମାୟଣ କଥା (ଗଦ୍ୟ)<br>୪) ମାଢ଼ ହାଣ୍ଡି କଥା (ଗଳ୍ପ) | 3x2=6 |
| 6 | ବହୁ ବୈକଳ୍ପିକ ପ୍ରଶ୍ନ (ଗଦ୍ୟ , ପଦ୍ୟ , ଓ ଗଳ୍ପରୁ ଚାରୋଟି ପ୍ରଶ୍ନ) | 4x1=4 |
| 7 | ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ<br>୧-ମୋ ପିଲାବେଳ କଥା (ଜୀବନୀ) (୧ଟି) | 1X5=5 |
| | **ଉତ୍ତମ ପାଠକ ପ୍ରଶ୍ନ (୦୪)** | |

| ନମୂନା ପ୍ରଶ୍ନର ଉତ୍ତର-୧ | | | | |
|---|---|---|---|---|
| ପ୍ରଥମ ସାମୟିକ ପରୀକ୍ଷା (୨୦୨୩ – ୨୦୨୪)<br>**SUBJECT -ODIA CLASS - VII** | | | | |
| **MARKING SCHEME** | | | | |
| **QSTN NO** | KEY POINTS /VALUE POINTS | **MARKS ALLOTED** | **FULL MARKS** | **PAGE NO. OF NCERT TEXT BOOK/ EXAMPLAR** |
| **1** | **କ)** ସଂସ୍କୃତ ଭାଷାରେ ପୁରାଣ ଓ ଧର୍ମପୁସ୍ତକ ରଚିତ ହେବା ଥିଲା ପରମ୍ପରା ଖ) ପୁରାଣ ପଣ୍ଡାମାନେ<br>**ଗ)** ପଞ୍ଚଦଶ ଶତାବ୍ଦୀରୁ ଘ) କବି ତିକ୍କଣ<br>ଙ୍) କବି ଜଗନ୍ନାଥ ଦାସ | ୧+ ୧+ ୧+ ୧+ ୧ | ୫ | ବାହ୍ୟ ସ୍ରୋତ |
| **2** | ଅନୁଚ୍ଛେଦରେ ପ୍ରସଙ୍ଗର ଅବତାରଣା , ଯଥାଯଥ ଉପସ୍ଥାପନା,ସମାପ୍ତିସୂଚକ ଅଂଶ ଆଦି ବିଚାରକୁନେଇ ପୂର୍ଣ୍ଣ ଅଙ୍କ ଦିଆଯାଇପାରିବ । | | ୫ | |
| **3** | **କ )** ନିଶାଚର – ରାତିଚର, ରାକ୍ଷସ<br>ଭାଷେ- କହେ | କ)୧+ ୧ | ୨ | ସାହିତ୍ୟ ସୌରଭ (ସପ୍ତମ ଶ୍ରେଣୀ) ପ୍ରକାଶକ – ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର |
| | **ଖ)** ବେଶି- ଅଧିକ , ବେଶୀ – ବେଶ ଧାରୀ<br>ନିଶା- ରାତ୍ରୀ ନିଶା- ନିଶାଦ୍ରବ୍ୟ | ଖ)୧+ ୧ | ୨ | |
| | **ଗ) କାନନ- ଅରଣ୍ୟ ବଣ**<br>ରଜନୀ – ରାତ୍ରୀ, ନିଶା, ବିଭାବରୀ | ଗ)୧+ ୧ | ୨ | |
| | **ଘ)** ଲାଭ – କ୍ଷତି , ଜ୍ୟେଷ୍ଠା- କନିଷ୍ଠା | ଘ)୧+ ୧ | ୨ | |
| | **ଙ୍)** କୁମାର – କୁମାରୀ ପିତା – ମାତା | ଙ୍)୧+ ୧ | ୨ | |
| **4** | **କବିଙ୍କର ପରିଚୟ ପ୍ରଦାନ ସହିତ ବର୍ଣ୍ଣନା ଓ ଲିଖନକୁ ଆଧାର କରି ସଠିକ୍ ଉତ୍ତର ନିମନ୍ତେ ପୂର୍ଣ୍ଣ ଅଙ୍କ ପ୍ରଦାନ କରାଯିବ ।** | | ୫ | ସାହିତ୍ୟ ସୌରଭ (ସପ୍ତମ ଶ୍ରେଣୀ) ପ୍ରକାଶକ – ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର ଶିକ୍ଷା ପରିଷଦ, ଓଡ଼ିଶା |
| **5** | **ବର୍ଣ୍ଣନା ଓ ଲିଖନକୁ ଆଧାର କରି ସଠିକ ଉତ୍ତର ନିମନ୍ତେ ପୂର୍ଣ୍ଣ ଅଙ୍କ ପ୍ରଦାନ କରାଯିବ ।** | ୨+୨+୨ | ୬ | ସାହିତ୍ୟ ସୌରଭ (ସପ୍ତମ ଶ୍ରେଣୀ) ପ୍ରକାଶକ – ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, |

| | | | | |
|---|---|---|---|---|
| | | | | ଓଡ଼ିଶା ସରକାର |
| **6** | କ) 'ବିଦଗ୍ଧଚିନ୍ତାମଣି' , ଖ) ତାରକାମାନଙ୍କୁ<br>ଗ) ବାଲ୍ମୀକି iii) ରାଗ ତମତମ | **୧+ ୧+ ୧+ ୧** | **୪** | **ସାହିତ୍ୟ ସୌରଭ**<br>**(ସପ୍ତମ ଶ୍ରେଣୀ)**<br>**ପ୍ରକାଶକ – ବିଦ୍ୟାଳୟ ଓ**<br>**ଗଣଶିକ୍ଷା ବିଭାଗ,**<br>**ଓଡ଼ିଶା ସରକାର** |
| 7 | ଲେଖିକାଙ୍କ **ପରିଚୟ ପ୍ରଦାନ ସହିତ ବର୍ଣ୍ଣନା ଓ ଲିଖନକୁ**<br>**ଆଧାର କରି ସଠିକ୍ ଉତ୍ତର ନିମନ୍ତେ ପୂର୍ଣ୍ଣ ଅଙ୍କ ପ୍ରଦାନ**<br>**କରାଯିବ ।** | | ୫ | **ସାହିତ୍ୟ ସୌରଭ**<br>**(ସପ୍ତମ ଶ୍ରେଣୀ)**<br>**ପ୍ରକାଶକ – ବିଦ୍ୟାଳୟ ଓ**<br>**ଗଣଶିକ୍ଷା ବିଭାଗ,**<br>**ଓଡ଼ିଶା ସରକାର** |

*************

**ଡି.ଏ.ଭି ପବ୍ଲିକ ସ୍କୁଲ ସମୂହ, ଓଡ଼ିଶାଜୋନ୍**

**ନମୂନା ପ୍ରଶ୍ନ – ୨**

**ପ୍ରଥମ ସାମୟିକ ପରୀକ୍ଷା (୨୦୨୩ – ୨୦୨୪)**

**ଶ୍ରେଣୀ – ସପ୍ତମ ପୂର୍ଣ୍ଣସଂଖ୍ୟା – ୪୦**

**ବିଷୟ – ଉଚ୍ଚତର ଓଡ଼ିଆ ସମୟ - ୧ଘ : ୩୦ମି**

**'କ' ବିଭାଗ- ପଠନ (୫)**

**1.ନିମ୍ନଲିଖିତ ଅନୁଚ୍ଛେଦଟିକୁ ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।** (5X1=5)

ଉତ୍କୃଷ୍ଟ କଳାର ଭୂମି ଉତ୍କଳ । ଉତ୍କୃଷ୍ଟ କଳାର କ୍ଷେତ୍ର ବୋଲି ଏହାର ନାମ କଳାଭୂମି । କଳାର କୋଣାର୍କଠାରୁ ପୁରୀର ବଡ଼ଦେଉଳ, ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର, ରାଜରାଣୀ ମନ୍ଦିର ସବୁ ସୁନ୍ଦର , ସବୁ ମନଲୋଭା ଅତ୍ୟନ୍ତ ଆକର୍ଷଣୀୟ । ପ୍ରତ୍ୟେକ ମନ୍ଦିର ଗାତ୍ରରେ ଶିଳ୍ପୀ ନିହାଣ ଓ ମୁଗୁରରେ ଯେଉଁ କଳା ଫୁଟାଇଛି ତାହା ଅତ୍ୟନ୍ତ ଦୁର୍ଲଭ । କେଉଁ ମାନସିକ ପ୍ରସ୍ତୁତି ନେଇ ସେ ଅଙ୍କନ କରିଥିଲେ ସେ କଥା ସେମାନେ ଜାଣନ୍ତି । କୋଣାର୍କ ମନ୍ଦିର ନିର୍ମାଣ ବେଳେ ବିଶୁ ମହାରଣା ଯେତେବେଳେ ପାଷାଣ ଗାତ୍ର ଉପରେ ଦୃଷ୍ଟି ନିବଦ୍ଧ କରିଥିଲେ , ସେତେବେଳେ ଏତେ ନିମଗ୍ନ ଥିଲେ ଯେ , ଗଜପତି ତାଙ୍କ ହାତକୁ ପାନ ଖଣ୍ଡେ ଖଣ୍ଡେ ବଢ଼ାଇ ଦେଉଥିଲେ , ସେଥିପ୍ରତି ତାଙ୍କର ଧ୍ୟାନ ନଥିଲା । ସେହି କଳାର ଭୂମି ଆଜି ଶ୍ରୀହୀନ , ବିକଳାଙ୍ଗ ହୋଇପଡ଼ିଛି । ସମୁଦ୍ରର ଲୁଣି ହାଓ୍ୱା ହେଉ ଅଥବା ସୁମନ୍ୟୁ ଋଷିଙ୍କ ଅଭିଶାପ ହେଉ , କୋଣାର୍କ ମନ୍ଦିର ଭୁଶୁଡ଼ି ପଡ଼ିଛି । ପୁରୀ ମନ୍ଦିରରୁ ପଥର ଖସୁଛି । ସେମାନେ କିପରି ପଥର ଉପରେ ପଥର ଖଞ୍ଜି ,ଏତେବଡ଼ ଦେଉଳ ଗଢ଼ିଥିଲେ ତାହା ଆଜି ଏକ ବିସ୍ମୟ।

**ପ୍ରଶ୍ନାବଳୀ :-**

(କ) କୋଣାର୍କ ଭୁଶୁଡ଼ି ପଡ଼ିବାର କାରଣ କ'ଣ ହୋଇପାରେ ?

(ଖ) କେଉଁ କେଉଁ ମନ୍ଦିର ଗୁଡ଼ିକର କାରୁକାର୍ଯ୍ୟ ମନଲୋଭା ଓ ଆକର୍ଷଣୀୟ ?

(ଗ) କୋଣାର୍କ ମନ୍ଦିରର ନିର୍ମାଣ ସମୟରେ ବିଶୁ ମହାରଣାଙ୍କ ମଗ୍ନ ଚୈତନ୍ୟର ପ୍ରମାଣ କିପରି ମିଳେ ?

(ଘ) ଶିଳ୍ପୀମାନଙ୍କର କେଉଁ କାର୍ଯ୍ୟ ଆମ ପାଇଁ ଆଜି ବିସ୍ମୟ ?

(ଙ) ଓଡ଼ିଆ କାରିଗରଙ୍କ କେଉଁ କଥା ଅତ୍ୟନ୍ତ ଦୁର୍ଲଭ ?

**'ଖ' ବିଭାଗ- ଲିଖନ (୫)**

୨) 'ମହାପୁରୁଷଙ୍କ ଜୀବନି' କିମ୍ବା 'ରଜ ପର୍ବ'କୁ ଭିତ୍ତିକରି ଏକ ଅନୁଚ୍ଛେଦ ଲେଖ । (1X5=5)

**'ଗ' ବିଭାଗ- ବ୍ୟାକରଣ (୧୦)**

**୩) ନିର୍ଦ୍ଦେଶାନୁଯାୟୀ ଉତ୍ତର ଲେଖ ।**

**କ) ନିମ୍ନଲିଖିତ ଶବ୍ଦ ଗୁଡ଼ିକର ଅର୍ଥ ଲେଖ ।** (2×1=2)

ଭାସ୍ୱର , ଅସରପି

**ଖ) ତଳେ ଦିଆଯାଇଥିବା ସମୋଚ୍ଚାରିତ ଶବ୍ଦଗୁଡ଼ିକ ମଧ୍ୟରେ ଥିବା ଅର୍ଥଗତ ପାର୍ଥକ୍ୟ ଲେଖ ।** (2×1=2)

ବର – ବର , ନିଧନ-ନିଧନ

**ଗ) ନିମ୍ନଲିଖିତ ଶବ୍ଦଗୁଡ଼ିକର ପ୍ରତିଶବ୍ଦ ଲେଖ ।** (2×1=2)

ନୟନ, ଗଗନ

**ଘ) ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକର ବିପରୀତ ଅର୍ଥବୋଧକ ଶବ୍ଦ ଲେଖ ।** (2×1=2)

ଆନନ୍ଦ , ବିରାଗ

**ଙ) ନିମ୍ନଲିଖିତ ଶବ୍ଦ ଗୁଡ଼ିକର ଲିଙ୍ଗ ପରିବର୍ତ୍ତନ କରି ଲେଖ ।** (2×1=2)

କୁମାର , ନର

## 'ଘ' ବିଭାଗ- ପାଠ୍ୟ ପୁସ୍ତକ (୨୦)

**4) ସରଳ ଭାଷାରେ ବୁଝାଇ ଲେଖ ।** (1×5=5)

କ) 'ତୋଳି ମୁଁ ଧଇଲେ..................ପଶିବଇଁ ମୁହିଁ ।

**5) ପ୍ରଶ୍ନଗୁଡିକର ଉତ୍ତର ସଂକ୍ଷେପରେ ଲେଖ ।** (3×2=6)

କ) ଚକୁଳିଆ ପଣ୍ଡାର ମାଆ କାମ କରିବାକୁ ପୂର୍ବପରି ଗଲାନାହିଁ କାହିଁକି ?

ଖ) କେଉଁ କଥାରେ ମହତଜନମାନେ ବିବ୍ରତ ହୋଇନଥାନ୍ତି ?

ଗ) ଦଶରଥ କେଉଁ ପରିସ୍ଥିତିରେ ପ୍ରାଣତ୍ୟାଗ କଲେ?

**୬) ସଠିକ୍ ଉତ୍ତରଟିକୁ ବାଛି ଲେଖ ।** (4×1=4)

କ) 'କଳାମାଣିକରେ' କବିତାଟି କେଉଁ କାବ୍ୟରୁ ଆସିଅଛି ?

i) 'ବିଦଗ୍ଧଚିନ୍ତାମଣି' ii) ଅର୍ଘ୍ୟଥାଳି iii) 'ତପସ୍ୱିନୀ iv) 'ଧର୍ମପଦ'

ଖ) 'ତାରା-ସୂର୍ଯ୍ୟ' କବିତାଟି କେଉଁ ମୂଳଗ୍ରନ୍ଥରୁ ଆନୀତ ?

i) ପ୍ରଣୟ-ବଲ୍ଲରୀ ii) ଅର୍ଘ୍ୟଥାଳୀ iii)ଇନ୍ଦୁମତୀ iv)ତପସ୍ୱିନୀ)

ଗ) କିଏ ପ୍ରାଣପଣେ ଚେଷ୍ଟାକରି ଦଶରଥଙ୍କୁ ମୃତ୍ୟୁମୁଖରୁ ଉଦ୍ଧାର କରିଥିଲେ ?

i) କୌଶଲ୍ୟା ii) ସୁମିତ୍ରା iii) ମନ୍ଥରା iv)କୈକେୟୀ

ଘ) 'କତରା' ଶବ୍ଦର ଅର୍ଥ କ'ଣ ?

i) ମସିଣା ii) ଛିଣ୍ଡା ମସିଣା iii) ଦରି iv) କତା ଦଉଡ଼ି

**୭) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନଟିର ଉତ୍ତର ଲେଖ ।** (1×5=5)

କ)କୈଶର ଅବସ୍ଥାରେ ରମାଦେବୀଙ୍କ ମନରେ କିପରି ସ୍ୱଦେଶପ୍ରୀତିର ଭାବ ଉଦ୍ରେକ ହୋଇଥିଲା ?

*************